| PUBLICATION NAME : | Dharitri |
|---|---|
| EDITION : | Bhubaneswar |
| DATE : | 10/12/2022 |
| PAGE: | 14 |

# 'ହସ୍ତକଳା, ବୟନ ଶିଳ୍ପକୁ ଗୁରୁତ୍ୱାରୋପ'

ଭୁବନେଶ୍ୱର,୯।୧୨

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତକଳା ବିଭାଗର ସହଯୋଗିତାରେ ଅହମ୍ମଦାବାଦର ଏଣ୍ଟରପ୍ରେନ୍ୟୁୟରଶିପ୍ ଡେଭେଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ପକ୍ଷରୁ ୱାର୍ଲଡ୍ ଟ୍ରେଡ୍ ସେଣ୍ଟର (ଡବ୍ଲ୍ୟୁଟିସି) ଭୁବନେଶ୍ୱରଠାରେ ହ୍ୟାଣ୍ଡ୍‌ମେଡ୍ ଇନ୍ ଇଣ୍ଡିଆ (ଏଚ୍‌ଏମ୍‌ଆଇ) ପ୍ରକଳ୍ପ ଅଧୀନରେ ଶୁକ୍ରବାର ଏକ ଫ୍ୟାଶ ଶୋ' ଆୟୋଜନ କରାଯାଇଛି। ଏହାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଇଡିଆଇଆଇର ଡାଇରେକ୍ଟର ଜେନେରାଲ ଡ. ସୁନୀଲ ଶୁକ୍ଳା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ଶୋ' ଏଥିପାଇଁ ବେଶ୍ ସ୍ୱତନ୍ତ୍ର ଥିଲା। କାରଣ ମଡେଲମାନେ ପିନ୍ଧିଥିବା ପୋଷାକକୁ ହ୍ୟାଣ୍ଡ୍‌ମେଡ୍ ଫର୍ ଇଣ୍ଡିଆ ଅଧୀନରେ ଇଡିଆଇଆଇ ଦ୍ୱାରା ତାଲିମପ୍ରାପ୍ତ ଓଡ଼ିଶାର ବୁଣାକାରମାନଙ୍କ ହାତବୁଣା ଏବଂ ଫ୍ୟାବ୍ରିକ୍‌କୁ ବ୍ୟବହାରକରି ଖ୍ୟାତନାମା ଡିଜାଇନରମାନେ ପ୍ରସ୍ତୁତ କରିଥିଲେ। ହ୍ୟାଣ୍ଡ୍‌ମେଡ୍ ଇନ୍ ଇଣ୍ଡିଆ ହେଉଛି ଏଚ୍‌ଏସ୍‌ବିସି ସମର୍ଥିତ ଏକ ପ୍ରକଳ୍ପ ଯାହା ଓଡ଼ିଶାର ବରଗଡ଼ ସମେତ ମଧ୍ୟପ୍ରଦେଶର ମାହେଶ୍ୱର, ଆସାମର କାମରୂପ, ତାମିଲନାଡୁର ସାଲେମ ଓ ଗୁଜରାଟର ସୁରେନ୍ଦ୍ରନଗର ଏବଂ ଭୁଜ୍ ଭଳି ୫ଟି ରାଜ୍ୟରେ ହସ୍ତତନ୍ତ କ୍ଲଷ୍ଟରରେ ଉଦ୍ୟମିତାର ଭାବ ଜାଗ୍ରତ କରିବା ଉପରେ ଗୁରୁତ୍ୱାରୋପ କରୁଛି। ଏ ସମ୍ପର୍କରେ ଇଡିଆଇଆଇର ଡାଇରେକ୍ଟର ଜେନେରାଲ ଡ. ସୁନୀଲ ଶୁକ୍ଳା କହିଛନ୍ତି, ପାରମ୍ପରିକ ହସ୍ତକଳା ଏବଂ ବୟନକୁ ପୁନଃ ସୃଷ୍ଟି କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି, ଯଦ୍ୱାରା ରାଜ୍ୟର ସଂସ୍କୃତି ଓ ପାରମ୍ପରିକ ଐତିହ୍ୟ ବଜାୟ ରହିବ।